ଓଡିଶା ସରକାର

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ

**ଅଧିସୂଚନା (Notification)**

ସଂଖ୍ୟା 15768 ଭୁବନେଶ୍ୱର, ତା 10.08.15

09-17-12-59/15

କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ଜାତୀୟ ଖାଦ୍ୟ ନିରାପତ୍ତା ଆଇନର ଧାରା 10 ଏବଂ ଉପଧାରା (1) ଅନୁଯାୟୀ ଅଗ୍ରାଧିକାର ପରିବାର (Priority Household)ଏବଂ ଅନ୍ତ୍ୟୋଦୟ ଅନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ପରିବାର ସମୂହକୁ ନିର୍ଦ୍ଦିଷ୍ଟ ସାଧାରଣ ବଣ୍ଟନ ବ୍ୟବସ୍ଥାରେ (TPDS) ଅନ୍ତର୍ଭୁକ୍ତ କରିବା ପାଇଁ ଓଡ଼ିଶା ସରକାର ପୂର୍ବରୁ ନିର୍ଦ୍ଧାରଣ କରିଥିବା ଆଠ ଗୋଟି ବାଦ୍ ଦେବା ମାନଦଣ୍ଡ (Exclusion Criteria) ସହିତ ଆଉ ଏକ ନୂତନ ବାଦ୍ ଦେବା ମାନଦଣ୍ଡ ଯୋଗ କରିଛନ୍ତି । ଉକ୍ତ ବାଦ୍ ଦେବା ମାନଦଣ୍ଡ ଅନୁଯାୟୀ **"ଯେଉଁ ପରିବାର ତିନି କିମ୍ବା ତତୋଽଧିକ କୋଠରୀ ବିଶିଷ୍ଟ ପକ୍କା ଘରେ ରହୁଥିବେ ଏବଂ ସେହି ଘରର କାନ୍ଥ ଓ ଛାତ ପକ୍କା ଥିବ"**, ସେହି ପରିବାରକୁ ଜାତୀୟ ଖାଦ୍ୟ ନିରାପତ୍ତା ଆଇନ୍, 2013 ଅଧିନରେ TPDS ହିତାଧିକାରୀ ଭାବେ ଗ୍ରହଣ କରାଯିବ ନାହିଁ । ଏହାକୁ ନବମ ବାଦ୍ ଦେବା ମାନଦଣ୍ଡ ଭାବେ ଗ୍ରହଣ କରାଯିବ ।

ରାଜ୍ୟପାଳଙ୍କ ଆଦେଶ କ୍ରମେ

ମଧୁସୂଦନ ପାଢ଼ୀ 10.8.15

(ମଧୁସୂଦନ ପାଢ଼ୀ)

କମିଶନର ତଥା ଶାସନ ସଚିବ

ଜ୍ଞାପକ ସଂଖ୍ୟା 15769 ତା. 10.08.15

ଏହାର ଏକ କିତା ନକଲ ନିର୍ଦ୍ଦେଶକ, ଓଡ଼ିଶା ମୁଦ୍ରଣ ଲିଖନ ସାମଗ୍ରୀ ଏବଂ ପ୍ରକାଶନ, ଓଡିଶା, କଟକ ଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

10.8.15

ଉପ ଶାସନ ସଚିବ

ଜ୍ଞାପକ ସଂଖ୍ୟା 15770 ତା. 10.08.15

ଏହାର ଏକ କିତା ନକଲ ବାଣିଜ୍ୟ ଓ ପରିବହନ (ବାଣିଜ୍ୟ) ବିଭାଗର ରାଜପତ୍ର ପ୍ରକୋଷ୍ଠ (Gazette Cell) ଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଏହି ଅଧି ସୂଚନାକୁ ସ୍ୱତନ୍ତ୍ର ଓଡିଶା ରାଜପତ୍ର (Extra Ordinary Gazette) ରେ ପ୍ରକାଶ କରି ଏହାର 100 କିତା ନକଲ ଏହି ବିଭାଗର ବ୍ୟବହାର ନିମନ୍ତେ ପ୍ରେରଣ କରିବା ପାଇଁ ଅନୁରୋଧ କରାଗଲା ।

10.8.15

ଉପ ଶାସନ ସଚିବ

FAX

ଜ୍ଞାପକ ସଂଖ୍ୟା 15771 ତା. 10.08.15

ଏହାର ଏକ କିତା ନକଲ ଅନୁ ଶାସନ ସଚିବ, ଭାରତ ସରକାର, ଉପଭୋକ୍ତା ମନ୍ତ୍ରଣାଳୟ, ଖାଦ୍ୟ ଏବଂ ସାଧାରଣ ବଣ୍ଟନ, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ, କୃଷି ଭବନ, ନୂଆଦିଲ୍ଲୀ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

10.8.15

ଉପ ଶାସନ ସଚିବ

କ୍ରମଶଃ